


# ଉନ୍ନିକଥା

ମୁକୁନ୍ଦନ୍
ଚିତ୍ର: ଅତନୁ ରାୟ

କଥାର ଗୋଟିଏ 300ମି ଚିନ୍ତା କରିବା ପାଇଁ ଖୋରାକ ଯୋଗାଉଥିବା ବହି



ତା ଜେଜେମାଆ କହିଲା, 'ଉନ୍ନି, ମୋତେ ଗୋଟିଏ ଗପ କୁହ ।'

ଉନ୍ନି ଶୀଘ୍ର ଶୀଘ୍ର ତାର ବହି ସବୁ ରଖିଦେଲା । ଆସିକି ତା ଜେଜେମାକୁ କୁଣ୍ଢେଇ ପକେଇଲା । 'ମୁଥାସି', ସେ ଧୀରେ କହିଲା, 'ଏଇଟା ଗୋଟେ କାଚର ଗଛ ବିଷୟରେ ଗୋଟେ ଛୋଟ ଗପ । ଦେଖିଲୁ!'

ଉନ୍ନି ତା ସାମ୍ନାରେ ଥିବା ଖାଲି କାନ୍ଥକୁ ଦେଖେଇବା ପରେ, ମୁଥାସି ଗୋଟିଏ ଅଦ୍ଭୁତ ଜିନିଷ ଦେଖିଲା! ସେ ଦେଖିଲା ଜଣେ ରାଜା ଭଳି ଦିଶୁଥିବା ଲୋକକୁ ପାଲିଙ୍କିରେ ବସାଇ ନେଉଛନ୍ତି ।



ଉନ୍ନି ତାର ଗପ ଆରମ୍ଭ କଲା ।

ଗୋଟିଏ ମୁଖିଆ ଥିଲା । ତାର ନାଁ କୁରୁମାନ୍ ପାନିକ୍କନ୍ । ଦିନେ ସେ ବଡ଼ ଚମ୍ପାଗଛ ତଳେ ଥିବା ପଥର-ମୂର୍ତ୍ତିଙ୍କୁ ପୂଜା କରିବା ପାଇଁ ଯାଉଥିଲା । ସେ ପୂଜା କଲାବେଳେ, ଜଣେ ଅଜଣା ଲୋକ ଆସି ତା ପାଖରେ ଠିଆ ହେଲେ ।



ମୁଁ ମେଲକୋରାନ୍,' ଅଜଣା ଲୋକ କହିଲା । 'ମୁଁ ପଶ୍ଚିମ ଦିଗରୁ ଆସିଛି ।'

ତୁମେ କ'ଣ ଚାହୁଁଛ? ' କୁରୁମାନ୍ ପଚାରିଲା । 'ତୁମ ଗଛଟି ବୁଢ଼ା ହୋଇଗଲାଣି । ଦିନେ ଏହା ମରିଯିବ,' ମିଠା ମିଠା ବାସ୍ନା ହେଉଥିବା ଧଳା ଚମ୍ପାଫୁଲରେ ଭର୍ତ୍ତି ଗଛକୁ ଦେଖାଇ ମେଲକୋରାନ୍ କହିଲା, 'ମୁଁ ଗୋଟିଏ ନୂଆ ସୁନ୍ଦର ଗଛ ତିଆରି କରିପାରିବି ଯାହା କେବେ ବୁଢ଼ା ହେବ ନାହିଁ କି ସେଥିରୁ ପତ୍ର ବି ଝଡ଼ିବ ନାହିଁ ।'



ସତରେ?' କେବେ ମରୁ ନଥିବା ନୂଆ ଗଛର ଚିନ୍ତାଧାରା ଦ୍ୱାରା ଆକୃଷ୍ଟ ହୋଇ କୁରୁମାନ୍ ପାନିକନ୍ ପଚାରିଲା । 'ଠିକ୍ ଅଛି,' ସେ ହାତ ହଲାଇ କହିଲା, 'ମୋ ପାଇଁ ସେମିତି ଗୋଟେ ଗଛ ତିଆରି କରିଦିଅ ।'




ମେଲକୋରାନ୍ ତାର କୁରାଢ଼ୀ ଆଣିଲା । ସଙ୍ଗେ ସଙ୍ଗେ, ଅନେକ ବର୍ଷ ହେଲା ଠିଆ ହୋଇଥିବା ପୁରୁଣା ଗଛଟି ଭାଙ୍ଗି ପଡ଼ିଲା ।


ଅଣ୍ଡା ଏବଂ ଛୋଟ ଛୁଆ ସହିତ ଚଢ଼େଇମାନଙ୍କର ବସା ତଳେ ପଡ଼ିଗଲା । ବାପା ଏବଂ ମାଆ ଚଢ଼େଇ ବିକଳରେ ରାବ ଦେଇ ଆକାଶକୁ ଉଡ଼ିଗଲେ ।

ମେଲକୋରାନ୍ ତାର ଗଛ ତିଆରି କରିବା ଆରମ୍ଭ କଲା । ସେ ଅନେକଗୁଡ଼ିଏ ରଙ୍ଗବେରଙ୍ଗର କାଚ ଖଣ୍ଡ ସବୁ ଆଣିଲା ।


ଅତି ଯତ୍ନର ସହିତ ସିଏ ଗଛର ମୂଳ ଆଉ ଗଣ୍ଡିକୁ ଆକାର ଦେଲା । ତାପରେ ସେ ଶାଖା ସବୁ ତିଆରି କଲା । ପତ୍ର ଏବଂ ଫୁଲ ପାଇଁ ସେ ସବୁଜ ଆଉ ଧଳା କାଚ ବ୍ୟବହାର କଲା । ଏମିତିକି ସିଏ ଶିରାପ୍ରଶିରା ଏବଂ କାଣ୍ଡ ବି ମନ ଦେଇ ତିଆରି କଲା ।



ଦେଢ଼ ବର୍ଷ ବିତିଗଲା । ଗଛଟି ସୂର୍ଯ୍ୟକିରଣରେ ଝଲସି ଉଠିଲା । ଗଛର ପତ୍ର ଦେଇ ସୂର୍ଯ୍ୟୋଦୟ ଆଉ ସୂର୍ଯ୍ୟାସ୍ତର ରଙ୍ଗ ପ୍ରତିଫଳିତ ହେଉଥିଲା । ଚମତ୍କାର ଗଛକୁ ଦେଖିବା ପାଇଁ ଆଖପାଖ ଆଉ ଦୂର ସ୍ଥାନରୁ ଲୋକମାନେ ଆସିଲେ । ପାନିକାନ୍ ବହୁତ ଖୁସି ଥିଲା ।







କାଚର ଗଛ ଖାଲି ସୁନ୍ଦର
ଦେଖାଯାଉଥିଲା ସିନା, ତାର ଫୁଲରେ
ବାସ୍ନା ନ ଥିଲା ।

ଯଦିଓ ଗଛର ଶାଖାରେ ଚିକିମିକିଆ କାଚର
ବସା ଥିଲା, ସେଠି କେହି ପକ୍ଷୀ ରହୁ ନ ଥିଲେ ।
ପିଲାମାନେ ଗଛର ଶାଖାରେ ଚଢୁ ନ ଥିଲେ...

କାଚର ଗଛ କେବେ ସତିସତିକା ହୋଇ ପାରିବ କି?' ଗପ ଶେଷ
ହୋଇ ଆସିଲାବେଳକୁ ଉନ୍ନି ମନେ ମନେ ଭାବୁଥିଲା ।

କାନ୍ଥରୁ ଚିତ୍ର ସବୁ ଲିଭିଯାଉଥିଲା, ଉନ୍ନି ତା ଜେଜେମାଆ ଆଡ଼କୁ
ଦେଖିଲା । ହେଲେ ସେ ଶୋଇ ପଡ଼ିଥିଲେ ।

ଏମ୍ ମୁକୁନ୍ଦନ୍ କେରଳର ମାହେରେ ଜନ୍ମଗ୍ରହଣ କରିଥିଲେ । ସେ ତାଙ୍କର ପ୍ରଥମ ଗଳ୍ପ 1961ରେ ଲେଖିଥିଲେ । ତାଙ୍କର 26ଟି ବହି ପ୍ରକାଶିତ ହୋଇଛି । ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ 1988ରେ ଫ୍ରାନ୍ସ ସରକାରଙ୍କ ଦ୍ୱାରା ତାଙ୍କୁ ଚେଭାଲିଏର୍ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଉନ୍ନିକଥା ପାଇଁ ସେ କଥା ପୁରସ୍କାର ଲାଭ କରିଥିଲେ ।

ଶହେରୁ ଅଧିକ ପିଲାଙ୍କ ବହି ସହିତ, ଅତନୁ ରାୟ ତାଙ୍କର ସୃଜନଶୀଳତା ଅନେକାଂଶରେ ପିଲାମାନଙ୍କ ସାହିତ୍ୟ ଦିଗରେ ଉତ୍ସର୍ଗ କରିଛନ୍ତି । ଏକଦା ଇଣ୍ଡିଆ ଟୁଡେ ପାଇଁ ଜଣେ ପଲିଟିକାଲ୍ କାର୍ଟୁନିଷ୍ଟ ଭାବରେ କାର୍ଯ୍ୟ କରିଥିବା ରାୟ, ପୁସ୍ତକ ଚିତ୍ରନାଟ୍ୟ ପାଇଁ 'ପିଲାଙ୍କ ପସନ୍ଦ' ପୁରସ୍କାର ଏବଂ ଚିତ୍ରନାଟ୍ୟ ପାଇଁ ଆଇବିବିୱାଇ ସାର୍ଟିଫିକେଟ୍ ଅଫ୍ ଅନର୍ ଭଳି ସମ୍ମାନ ଲାଭ କରିଛନ୍ତି ।

## KATHA

କଥା ଏକ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ଅଣ-ଲାଭକାରୀ ସଂସ୍ଥା (www.katha.org) ଯାହା 1988 ମସିହାରୁ ସାକ୍ଷରତାରୁ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଅଛି । ଗରୀବ ପିଲାମାନଙ୍କ ପାଇଁ ପ୍ରକାଶନ ଏବଂ ଶିକ୍ଷା କ୍ଷେତ୍ରରେ ଆମର ପ୍ରାୟ 30 ବର୍ଷର ଅଭିଜ୍ଞତା ଅଛି ।

"ଭାରତର ମୁକୁଟରେ ଶିକ୍ଷାର ଏକ ଉଜ୍ଜ୍ୱଳ ମଣି" — **ନାୟୁକି ଶିନୋହାରା, ଉପ ପରିଚାଳନା ନିର୍ଦ୍ଦେଶକ, ଆଇଏମ୍ ଏଫ୍**

"ସହରର ସାଧାରଣ ତଥା ଦୈନନ୍ଦିନ ଜୀବନର ଛୋଟ ଛୋଟ ଦୁଃଖ ଓ ଭୟଙ୍କର କଷ୍ଟର ମୁକାବିଲା କରିବା ପାଇଁ ଯେଉଁ ସବୁ ସୃଜନଶୀଳ ପ୍ରଚେଷ୍ଟା ଚାଲିଅଛି ସେମାନଙ୍କ ମଧ୍ୟରେ "କଥା" ର ଏକ ସ୍ୱତନ୍ତ୍ର ପରିଚୟ ଅଛି ।" — **ଚାର୍ଲ୍ସ ଲ୍ୟାଣ୍ଡ୍ରି, ଦ ଆର୍ଟ ଅଫ୍ ସିଟି ମେକିଙ୍ଗ୍**

"କଥା"ର ପିଲାମାନଙ୍କ ପାଇଁ ବିଶେଷ ଅନୁରାଗ ରହିଛି ତେଣୁ... ଏହା ପିଲାମାନଙ୍କ ପାଇଁ ଏପରି ସୁନ୍ଦର ସୁନ୍ଦର ଚିତ୍ର ସମ୍ବଳିତ ପୁସ୍ତକ ପ୍ରକାଶ କରୁଛି ।" — **ଟାଇମ୍ ଆଉଟ୍**


"କଥା" ବିଶ୍ୱାସ କରେ ଯେ ପିଲାମାନେ ତାଙ୍କ ଦୁନିଆରେ ବାସ୍ତବ ଏବଂ ଧାରଣାକ୍ଷମ ପରିବର୍ତ୍ତନ ଆଣିପାରିବେ, — **ପେପରଟାଇଗର୍ସ**

ଏହି ସଂସ୍କରଣ ପ୍ରଥମେ 2021 ପ୍ରକାଶିତ ହୋଇଥିଲା
କପିରାଇଟ୍©କଥା, 1995, 2021
ଲେଖା କପିରାଇଟ୍©ଏମ୍ ମୁକୁନ୍ଦନ୍
ଫଟୋଗ୍ରାଫ୍ କପିରାଇଟ୍©କଥା
A3, ସର୍ବୋଦୟ ଏନକ୍ଲେଭ, ଶ୍ରୀ ଅରୋବିନ୍ଦ ମାର୍ଗ, ନୂଆଦିଲ୍ଲୀ 110 017
ଫୋନ୍ : 91-11 4141 6600 . 4141 6610
ଇମେଲ୍: editors@katha.org, Website: www.katha.org
ISBN 978-93-82454-65-6

ଆମର ଲକ୍ଷ: ପ୍ରତ୍ୟେକ ପିଲା ଖୁସି ମନରେ ଓ ଭଲଭାବରେ ପଢ଼ିପାରନ୍ତୁ!
"କଥା" ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ସଂସ୍ଥା ଯାହା 1988 ରେ ସ୍ଥାପିତ ହୋଇଥିଲା । ଆମେ ସାହିତ୍ୟର ସାକ୍ଷରତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁ । ପିଲା ଏବଂ ବୟସ୍କମାନଙ୍କ ଭିତରେ ପଢ଼ିବାରେ ଇଚ୍ଛା ସୃଷ୍ଟି କରିବା ପାଇଁ ଏହା ସମର୍ପିତ ଭାବରେ ଚେଷ୍ଟା କରିଆସୁଛି, ଭଲ ମାନର ପୁସ୍ତକ ଓ ଅନ୍ୟାନ୍ୟ ପ୍ରଚେଷ୍ଟା ମାଧ୍ୟମରେ ଏହା ଭଲ ମାନର ପୁସ୍ତକ ପ୍ରକାଶ କରୁଛି 1,00,000 ରୁ ଅଧିକ ଗରୀବ ପିଲାଙ୍କ ସହିତ କାମ କରୁଛି ଏବଂ ସେମାନଙ୍କର ପଢ଼ିବାର ଶକ୍ତି ବଢ଼ାଉଛି ।

ସର୍ବ ସତ୍ତ୍ୱ ସୁରକ୍ଷିତ । ଏହି ପୁସ୍ତକର କୌଣସି ଭାଗ ପ୍ରକାଶକଙ୍କ ପୂର୍ବ ଲିଖିତ ଅନୁମତି ବିନା ପୁନଃ ପ୍ରକାଶିତ କିମ୍ବା ବ୍ୟବହୃତ ହୋଇପାରିବ ନାହିଁ ।


ଏହି ବହିଗୁଡ଼ିକର ବିକ୍ରୟରୁ ମୋଟ୍ ଆୟର 10ପ୍ରତିଶତ ବଞ୍ଚିତ ପିଲାମାନଙ୍କର ପଢ଼ିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।



## ଏହି ସମସ୍ତ ଆଇଏଲଆର୍ ବହିଗୁଡ଼ିକ ଗ୍ରୀନ୍ ସିରିଜରେ

ଆନନ୍ଦ ପାଇବା ପାଇଁ ଏବଂ ନୂଆ ନୂଆ କଥା ଆବିଷ୍କାର କରିବା ପାଇଁ ପଢ଼ନ୍ତୁ


































**FOR OUR BOOKS**

www.books.katha.org

"""[କଥା]... ଭାରତୀୟ ପ୍ରକାଶନୀ ଇତିହାସରେ ଏକ ସ୍ୱତନ୍ତ୍ର ଏବଂ ଅଦ୍ୱିତୀୟ ମୁହୂର୍ତ୍ତ ।""
- ପ୍ରତିଷ୍ଠିତ ଇକୋନୋମିକ୍ ଟାଇମ୍ସ "


ପିଲାମାନଙ୍କ ପାଇଁ
ଗୋଟିଏ କଥା ବହି
ISBN 978-93-88284-81-3
9 789388 284813
www.katha.org
` XXX